


# ଓଷ୍ଟା ପକ୍ଷରୁ ଏ-୧ ଗ୍ରେଡ୍ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



କାମାକ୍ଷାନଗର, ୨୮।୫(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଚଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଏ-୧ ଗ୍ରେଡରେ କୃତକାର୍ଯ୍ୟ ହୋଇଥିବା ବ୍ଲକର ୧୨ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବ୍ଲକ ଓଷ୍ଟା କାର୍ଯ୍ୟକାରୀ ସଭାପତି ପ୍ରବୋଧ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। କାମାକ୍ଷାନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆତ୍ମବିଶ୍ୱାସର ସହିତ ନିଜର ଜ୍ଞାନକୁ ପରିବ୍ୟାପ୍ତ କରି ଆଗକୁ ବଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ପାଦକ ଗଜେନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିବା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀରାମ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ନିରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ କୃଷ୍ଣଚନ୍ଦ୍ର ଭୋଇ, ଓଷ୍ଟା ଆଜୀବନ ସଦସ୍ୟ ପ୍ରମୋଦ କୁମାର ମିଶ୍ର, ବ୍ଲକ ନୋଡାଲ ଅଧିକାରୀ ସୁରେନ୍ଦ୍ର କୁମାର ବେହେରା ଯୋଗ ଦେଇଥିଲେ। ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରୀଛାତ୍ରମାନେ ହେଲେ କାନପୁରା ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟର ପ୍ରଥମେଶ ସାହୁ, ସିପ୍ରାସାଗରିକା ପୃଷ୍ଟି, ଆକାଂକ୍ଷା ଅକସ୍ମିତା ମହାଲିକ, ସ୍ୱୟଂଶ୍ରୀତମ ବାରିକ, ଅନନ୍ୟା ରାଉତ, ସୋମ୍ୟଞ୍ଜନ ଖିଲାର, କାମାକ୍ଷାନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର କିରଣ କସ୍ତୁରିକା ସାହୁ, ଓମପ୍ରଭା ନାୟକ, ଦୀପ୍ତିମୟୀ ମହାନ୍ତି, ବିସ୍ମୟ କେଶରୀ ପ୍ରଧାନ, ଓମ ପ୍ରକାଶ ନାୟକ ଓ ବୁଢ଼ିବିଲି ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟର ସୁପ୍ରିୟା ବେହେରା। ଓଷ୍ଟାର କାର୍ଯ୍ୟକର୍ତ୍ତାମାନଙ୍କ ମଧ୍ୟରେ ନୃସିଂହ ଚରଣ ମଲ୍ଲିକ, ଧ୍ରୁବଚରଣ ସୁନ୍ଦରାୟ, ରାକେଶ କୁମାର ବେହୁରା, ଦୁର୍ଗାପ୍ରସାଦ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିବା ବେଳେ ଅଭିଭାବକଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

# ଟାଟା ଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ

ଢେଙ୍କାନାଳ, ୨୮।୫(ରତନ ନାୟାର)

ଢେଙ୍କାନାଳ ଜିଲା ନରେନ୍ଦ୍ରପୁରସ୍ଥିତ ଟାଟା ଷ୍ଟିଲ ଫାଉଣ୍ଡେଶନର ରିଜିଓନାଲ ଇନିସିଏଟିଭ୍ ଫର ସେକ୍ସୁଆଲ ହେଲଥ୍ ଫର ଟୁଡେଜ୍ ଆଡୋଲୋସେନ୍ସ(ରିସ୍ତା) ଟିମ୍ ପକ୍ଷରୁ ମଙ୍ଗଳବାର କମଳାଙ୍ଗ ପଞ୍ଚାୟତରେ ଏକ ସଚେତନତା ଅଧିବେଶନ ଆୟୋଜନ ସହିତ ବିଶ୍ୱ ଋତୁଶ୍ରାବ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। କିଶୋରୀ ଏବଂ ମା'ମାନଙ୍କ ଋତୁସ୍ରାବ ଜନିତ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ବିଷୟରେ ସଚେତନ କରିବା ଏହି ପଦକ୍ଷେପର ମୂଳ ଲକ୍ଷ୍ୟ ଥିଲା। ମଙ୍ଗଳବାର ଆୟୋଜିତ ଋତୁସ୍ରାବ ସ୍ୱଚ୍ଛତା ଦିବସରେ ଚଳିତବର୍ଷର ବିଷୟବସ୍ତୁ 'ଋତୁସ୍ରାବ ମିତବ୍ୟୟୀ ବିଶ୍ୱ ପାଇଁ ଏକତ୍ରିତ ହେବା' ଶୀର୍ଷକ ରହିଛି। ଏହି କାର୍ଯ୍ୟକ୍ରମ ସୁରକ୍ଷିତ ଋତୁସ୍ରାବ ଓ ଏହାର ପରିଚାଳନା ଉପରେ ଗୁରୁତ୍ୱାରୋପ ପ୍ରଦାନ କରୁଛି। ଏହି ସଚେତନତା ଅଧିବେଶନରେ କମଳାଙ୍ଗ ପଞ୍ଚାୟତର ୧୦ରୁ ୧୯ ବର୍ଷର ବାଳିକା ଏବଂ ମା'ମାନେ, ଅଙ୍ଗନୱାଡି କର୍ମୀ, ଆଶା, ଏଏନ୍ଏମ୍ ଓ ସୁପରଭାଇଜରଙ୍କ ସମେତ ୭୦ ଜଣ ଅଂଶଗ୍ରହଣ କରିଥିଲେ। ରିସ୍ତାରେ ଯୋଗଦେବା ପରେ ଋତୁପର୍ଣ୍ଣା ନାୟକ ଓ ମନୀଷା ନାୟକଙ୍କ ଭଳି ଯୁବ ପରିବର୍ତ୍ତନକାରୀ ନିଜର ଅନୁଭୂତି ବାଣ୍ଟିଥିଲେ। ଟାଟା ଷ୍ଟିଲର ବିଭିନ୍ନ ସ୍ଥାନରେ ଥିବା ପ୍ଲାଣ୍ଟ ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳରେ ରିସ୍ତା ପ୍ରକଳ୍ପ ଦ୍ୱାରା କିଶୋର ଓ ଯୁବ ଦମ୍ପତିମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଶିକ୍ଷିତ କରାଯାଉଛି। ଏହାର ଉଦ୍ଦେଶ୍ୟ ହେଉଛି କିଶୋରୀମାନଙ୍କ ସ୍ୱାସ୍ଥ୍ୟସେବା ସମସ୍ୟା ବିଶେଷକରି ପ୍ରଜନନ ଓ ଯୌନସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରିବା ଏବଂ ଯୁବପିଢିଙ୍କୁ ନେତୃତ୍ୱ ଶିବିର ଅନୁଭୂତି ପ୍ରଦାନ କରିବା, ଅନ୍ୟାନ୍ୟ ଜୀବନ କୌଶଳ ନିୟୋଜନ ଅନୁଭବ କରିବାକୁ ସକ୍ଷମ କରିବା ସହ ସେମାନଙ୍କୁ ଜୀବନରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ସଶକ୍ତ କରିବ ବୋଲି ଅନୁଷ୍ଠାନ ପକ୍ଷରୁ ଜଣାଯାଇଛି।




ଟାଟା ଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ।

# ଆମ ଐତିହ୍ୟ ଆମ ସଂସ୍କୃତି ଶୀର୍ଷକ ଇ-ପାଠଚକ୍ର ମାଳା

ଢେଙ୍କାନାଳ, ୨୮।୫(ରତନ ନାୟାର)

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଢେଙ୍କାନାଳ ଜିଲା ଶାଖାର ବିଚାରଧାରା ବିଭାଗ ପକ୍ଷରୁ ଗତ ୨୫ ତାରିଖରେ ଆମ ଐତିହ୍ୟ ଆମ ସଂସ୍କୃତି ଶୀର୍ଷକ ୪୩ ତମ ଇ-ପାଠଚକ୍ର ମାଳା ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ମଞ୍ଚରେ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗେଙ୍ଗୁଟିଆର ଅଧ୍ୟକ୍ଷା ଡ. କବିତା ମହାନ୍ତି ସଭାପତିତ୍ୱ କରିଥିଲେ। ଆଜୀବନ ସଦସ୍ୟା ତଥା ଆଇନଜୀବୀ ନିବେଦିତା ରଥ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରି 'ଶିଶୁ ଅଧିକାର ଓ ଆଇନ' ପ୍ରସଙ୍ଗ ଉପରେ ଦୀର୍ଘ ଏକ ଘଣ୍ଟା ଧରି ବକ୍ତବ୍ୟ ପ୍ରଦାନ କରିଥିଲେ। ଆଇନଜୀବୀ ରଥ ତାଙ୍କ ବକ୍ତବ୍ୟରେ ପ୍ରଥମ ବିଶ୍ୱଯୁଦ୍ଧ ପୂର୍ବରୁ ଶିଶୁ ସୁରକ୍ଷା ଉପରେ ଅନ୍ତର୍ଜାତୀୟସ୍ତରରେ ହୋଇଥିବା ବିଭିନ୍ନ ସଙ୍ଗଠନ ଓ ଆଇନ ସମ୍ବନ୍ଧରେ ଆଲୋକପାତ କରିବା ସହ ଭାରତର ସମ୍ବିଧାନ ବିଧି ବ୍ୟବସ୍ଥା ତଥା ଅଧୁନାତନ ଆଇନ ଉପରେ ସମ୍ୟକ ଆଲୋଚନା କରିଥିଲେ। ସେ କହିଥିଲେ, ଗୋଟିଏ ଶିଶୁର ବଞ୍ଚିବାର ଅଧିକାର, ବିକାଶର ଅଧିକାର, ସୁରକ୍ଷାର ଅଧିକାର, ସହଭାଗିତାର ଅଧିକାର ଉପରେ ସମାଜ ଗୁରୁତ୍ୱ ଦେବା ନିହାତି ଜରୁରୀ। ୧୮ ବର୍ଷ ବୟସରୁ କମ୍‌ଙ୍କୁ ଶିଶୁ କୁହାଯାଏ ଓ ଶିଶୁ ଦେଶର ଭବିଷ୍ୟତ ମାନବ ସମ୍ବଳ। ସଭାପତି ଡ. ମହାନ୍ତି କହିଲେ, ଜଣେ ବୟସ୍କ ଯେ କାଲି ଶିଶୁ ଥିଲେ ଏ କଥା ସମସ୍ତେ ଭୁଲି ଯିବା ଉଚିତ ନୁହେଁ। କବି ତଥା ସମାଜସେବୀ ସଂଯୋଜନା କରିଥିଲେ। ସୁଶ୍ରୀ ହରପ୍ରିୟା ପତି ଶାନ୍ତି ମନ୍ତ୍ର ପାଠ କରିଥିଲେ। ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଓ ଆଜୀବନ ସଦସ୍ୟା ନିର୍ମଳା ମହାପାତ୍ର ବିବେକ ବାଣୀ ପାଠ କରିଥିଲେ। କବି ତଥା ସମାଜସେବୀ ଓ ଆଜୀବନ ସଦସ୍ୟା ସୁଶ୍ରୀ କାଦମ୍ବରୀ ମହାଖୁଡ ଧନ୍ୟବାଦ ଅର୍ପଣ କରିଥିଲେ। ଢେଙ୍କାନାଳ ଜିଲା ଶାଖା ସଭାପତି ଡ. ପ୍ରଫୁଲ୍ଲ କୁମାର ପାଣିଙ୍କ ସଭାପତିତ୍ୱରେ ସାଙ୍ଗଠନିକ ଆଲୋଚନା ହୋଇଥିଲା। ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଡ. ଚିତ୍ତରଞ୍ଜନ ନାୟକ, ରାଜ୍ୟ ବିଚାରଧାରା ମୁଖ୍ୟ ଶିକ୍ଷାବିତ୍ ଶଙ୍କର୍ଷଣ ଶତପଥୀ, ବୈକୁଣ୍ଠ ବିହାରୀ ସ୍ୱାଇଁ, ଡ. ସୁସନ୍ନ୍ୟା ମହାନ୍ତି, ପ୍ରଭାତ ନଳିନୀ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଜିଲା ଶାଖା ସମ୍ପାଦକ ପଣ୍ଡିତ ବିପିନ ବିହାରୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀ ଶ୍ରୀ ଠାକୁରଙ୍କ ପବିତ୍ର ସ୍ନାନ ଉତ୍ସବ ଉଦ୍‌ଯାପନ

ଢେଙ୍କାନାଳ, ୨୮।୫(ରତନ ନାୟାର)



ଢେଙ୍କାନାଳ ଜିଲା ତାଳବରକୋଟ ଗ୍ରାମ ତ୍ରିନାଥ ଯୁବ ପରିଷଦ ଓ ଡିଭାଇନ ୟୁନିଭର୍ସିଟି ସତସଙ୍ଗ କମନ ପ୍ଲାଟଫର୍ମର ମିଳିତ ଉଦ୍ୟମରେ ଗ୍ରାମବାସୀଙ୍କ ସହଯୋଗରେ ସୋମବାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଐତିହାସିକ ସ୍ନାନ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ଶ୍ରଦ୍ଧାଳୁ, ସାଧାରଣ ଜନତା, ନିମନ୍ତ୍ରିତ ଅତିଥି ଓ ବହୁ ସଂଖ୍ୟାରେ ପିଲାମାନେ ଶ୍ରୀ ଶ୍ରୀ ଠାକୁର ଓ ଶ୍ରୀ ଶ୍ରୀ ବଡ଼ମାଙ୍କ ପୁଷ୍ପ ସଜ୍ଜିତ ବିଗ୍ରହ ସହ ବାଣ, ବାଜା, କୀର୍ତ୍ତନ, ନୃତ୍ୟ ଆଦି ଶୋଭାଯାତ୍ରା ସହ ଗ୍ରାମ ପରିକ୍ରମା କରିଥିଲେ। ମୁଖ୍ୟ ଅତିଥି ଭାବେ ସମାଜ ସେବକ ଓ ଆଧ୍ୟାତ୍ମିକବିତ୍ ଫକୀର ଚରଣ ରାଉତ ଯୋଗ ଦେଇଥିଲେ। ବରିଷ୍ଠ ଅତିଥି ଭାବେ କ୍ରୀଡ଼ାଗୁରୁ ରମେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସାମରିକ କର୍ମଚାରୀ ଦେବରାଜ ମହାନ୍ତି, ପାଇକ ଦଳପତି ଧନେଶ୍ୱର ଧଳ, ଉତ୍ସବର ବକ୍ତା ରବି ନାରାୟଣ ସାହୁ, ଶିଳ୍ପୀ ସନାତନ ମହାନ୍ତି, ବେଦଜ୍ଞ ବ୍ରାହ୍ମଣ ମନୋଜ କୁମାର ଦାସ, ଅବସରପ୍ରାପ୍ତ ସାମରିକ କର୍ମଚାରୀ ଦିଲୀପ କୁମାର ରାଉତ, ହାସ୍ୟ ଅଭିନେତା ବରେନ୍ଦ୍ର କୁମାର ରାଉତ ଉପସ୍ଥିତ ଥିଲେ। ବହୁ ପ୍ରମୁଖ ଆଲୋଚକ ଦିଲୀପ କୁମାର ସାହୁ, ପ୍ରଶାନ୍ତ ନନ୍ଦ ଧଳ, ପ୍ରଭାକର ରାଉତ, ହାଡିବନ୍ଧୁ ସାହୁ, ଚିତ୍ତରଞ୍ଜନ ଧଳ, ସୁଶାନ୍ତ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଭଜନ, କୀର୍ତ୍ତନ କରିଥିଲେ।

# ଗାଡ଼ି ଧକ୍କାରେ ଗୁରୁତରଙ୍କ ମୃତ୍ୟୁ

ଅନୁଗୋଳ, ୨୮।୫ (ଅମିତ କୁମାର ସାମଲ)

ଗାଡ଼ି ଧକ୍କାରେ ଗୁରୁତର ହୋଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା କଣିହାଁ ଥାନା ସାନତ୍ରିବିଡା ଗ୍ରାମର ନିତ୍ୟାନନ୍ଦ ସାହୁଙ୍କ ପୁଅ ବିଜୟ କୁମାର ସାହୁ (୪୦)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ବିଜୟ କୌଣସି କାମରେ କୋଶଳା ଆସି ଫେରୁଥିବା ବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ସେଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଏଠାରେ ତାଙ୍କର ଚିକିତ୍ସା ଚାଲୁଥିବା ବେଳେ ମୃତ୍ୟୁ ଘଟିଥିବା ଡାକ୍ତରଖାନା କର୍ତ୍ତୃପକ୍ଷ ଥାନାରେ ଜଣାଇବା ପରେ ପୋଲିସ ଉପସ୍ଥିତିରେ ମୃତଦେହ ଜବତ କରାଯାଇଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

# ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

ଅନୁଗୋଳ, ୨୮।୫ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବନ୍ତଳା ଥାନା ପୋକତୁଙ୍ଗା ଗ୍ରାମର ରବୀନ୍ଦ୍ର ସାହୁଙ୍କ ପୁଅ ମହେଶ୍ୱର ସାହୁ (୨୯)ଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ଘଟଣାରୁ ପ୍ରକାଶ, ମଙ୍ଗଳବାର ସକାଳ ପ୍ରାୟ ୭ଟାରେ ଘର ଅଗଣାରେ ଥିବା କୂଅକୁ ଗାଧୋଇବାକୁ ଯିବା ସମୟରେ ମହେଶ୍ୱର ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ତାଙ୍କୁ ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷ ଥାନାରେ ଜଣାଇବା ପରେ ପୋଲିସ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ମହେଶ୍ୱରଙ୍କ ମୃତ୍ୟୁ ଖବର ଗାଁରେ ଶୋକର ଛାୟା ଖେଳାଇଦେଇଛି।



# ଭାଜପା ସରକାର ହେଲେ ଓଡ଼ିଶା ୨୫ ବର୍ଷ ତଳକୁ ଚାଲିଯିବ: ପାଣ୍ଡିଆନ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ବେତନଟୀ(ଧରଣୀଧର ମହାନ୍ତି),୨୮।୫

## ବେତନଟୀରେ ବିଜେଡିର ନିର୍ବାଚନୀ ପ୍ରଚାର

ଭାଜପା ସରକାରକୁ ଆସିଲେ ଓଡ଼ିଶା ୨୫ ବର୍ଷ ତଳକୁ ଚାଲିଯିବା ସହିତ ମିଶନ ଶକ୍ତି, ବିଜୁ ସ୍ୱାସ୍ଥ୍ୟ କାର୍ଡ ଓ କାଳିଆ ଯୋଜନା ବନ୍ଦ ହୋଇଯିବ ବୋଲି ମୟୂରଭଞ୍ଜ ଜିଲା ବେତନଟୀଠାରେ ଆୟୋଜିତ ବିଜେଡିର ନିର୍ବାଚନୀ ସଭାରେ ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। ବାଲେଶ୍ୱର ଲୋକସଭା କ୍ଷେତ୍ର ଅନ୍ତର୍ଗତ ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀର ବେତନଟୀ ମୟୂର କେମିକାଲ ପଡ଼ିଆରେ ମଙ୍ଗଳବାର ପୂର୍ବାହ୍ନ ୧୧ଟା୩୦ ସମୟରେ ଆୟୋଜିତ ବିଶାଳ ସମାବେଶରେ ପାଣ୍ଡିଆନ ଯୋଗଦେଇ ଏମ୍‌ପି ପ୍ରାର୍ଥୀ ଡ. ଲେଖାଶ୍ରୀ ସାମନ୍ତସିଂହାର ଓ



ନିର୍ବାଚନୀ ସଭାରେ ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଓ ଅନ୍ୟମାନେ।

ବିଧାୟକ ପ୍ରାର୍ଥିନୀ ଅନସୂୟା ପାତ୍ରଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରାଇବା ପାଇଁ ନିବେଦନ କରିଥିଲେ। ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ଭାବେ ବିଜୟୀ କରି ୨୦୩୪ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ସେ ଆହ୍ୱାନ ଦେଇଥିଲେ। ବେତନଟୀକୁ ଏନ୍‌ଏସି ମାନ୍ୟତା, ବଡ଼ସାହିରେ ଉପ ନିବନ୍ଧକ କାର୍ଯ୍ୟାଳୟ, ମାଣତ୍ରୀ କଖାରୁଆ ବୈଦ୍ୟନାଥ ଶୈବପୀଠର ରୂପାନ୍ତରୀକରଣ, ବେତନଟୀ ବସ୍‌ଷ୍ଟାଣ୍ଡ ଆଦି ବିଜେଡି ସରକାର ଦ୍ୱାରା କରାଯାଇଛି। ବିରୋଧୀ କୁମ୍ଭୀର କାନ୍ଦଣା କାନ୍ଦୁଥିବା ବେଳେ ମହିଳାମାନଙ୍କୁ ସଂରକ୍ଷଣ ଦେବାରେ ମଧ ପଛରେ ପଡ଼ିଛି ବୋଲି ପାଣ୍ଡିଆନ କହିଥିଲେ। କାର୍ଯ୍ୟକ୍ରମରେ ସଂଯୋଜକ ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ଜିଲା ପରିଷଦ ସଦସ୍ୟ, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଯୁବ, ଛାତ୍ର, ମହିଳା କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଖଣ୍ଡା ଚୋଟରେ ଯୁବକ ଗୁରୁତର

ଅନୁଗୋଳ,୨୮।୫ (ଅମିତ କୁମାର ସାମଲ)



ଅନୁଗୋଳ ଟାଉନ ଥାନା ଅଞ୍ଚଳରେ ଥିବା ଶିକ୍ଷକପଡା ଛକରେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଛି। ଗୁରୁତର ଯୁବକ ଜଣଙ୍କ ସାଇ ମନ୍ଦିର ନିକଟରେ ଥିବା ବିଜୟ ମୁଦୁଲିଙ୍କ ପୁଅ ବାଦଲ ମୁଦୁଲି(୧୯) ବୋଲି ଜଣାପଡିଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ବାଦଲ ଏକ ସୁନା ଦୋକାନରେ କାମ ସାରି ଘରକୁ ଫେରୁଥିବା ସମୟରେ ମୋଟରସାଇକେଲରେ ଆସି କେତେଜଣ ଯୁବକ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଜୀବନ ବଞ୍ଚାଇବାକୁ ସେ ଘଟଣାସ୍ଥଳରୁ ଦୌଡି ଏକ ଦୋକାନରେ ପଶିଯାଇଥିଲେ। ଏହାପରେ ଦୁର୍ବୃତ୍ତମାନେ ତାଙ୍କ ଗାଡ଼ି (ନଂ. ଓଡି୧୯ଏକ୍ସ-୮୯୯୩) ନେଇ ଚମ୍ପଟ ମାରିଥିଲେ। ବାଦଲଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ବିଜ୍ଞାନରେ ସତ୍ୟନାରାୟଣ, କଳାରେ ରାଜଶ୍ରୀ ଓ ବାଣିଜ୍ୟରେ ସୁପ୍ରିୟା ଟପ୍ପର

ବାରିପଦା,୨୮।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ପରୀକ୍ଷା ଫଳ

ମୟୂରଭଞ୍ଜ ଜିଲା ବାରିପଦା ତକତପୁର ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅନୁମୋଦନ କ୍ରମେ +୩ ଫାଇନାଲ ସେମିଷ୍ଟାର ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଛାତ୍ରଙ୍କୁ ପଛରେ ପକାଇ ଛାତ୍ରୀମାନେ ଆଗୁଆ ଥିବା ସୂଚନା ମିଳିଛି। ଏହି ବିଶ୍ୱ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ୮୩ଟି ମହାବିଦ୍ୟାଳୟର ମୋଟ ୧୩ ହଜାର ୬୪୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୦ ହଜାର ୪୨୭ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କଳାରେ ଶତକଡା ୮୦.୩୫, ବିଜ୍ଞାନରେ ଶତକଡା ୭୬.୪୧ ଏବଂ ବାଣିଜ୍ୟରେ ଶତକଡା ୬୨.୦୮ ପ୍ରତିଶତ ପରୀକ୍ଷାର୍ଥୀ ଉତୀର୍ଣ୍ଣ ହୋଇଛନ୍ତି। ସାମଗ୍ରିକ ଭାବରେ ମୋଟ ଶତକଡା ୭୮.୨୬ ପ୍ରତିଶତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ବିଜ୍ଞାନରେ ଖୁଣ୍ଟା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଛାତ୍ର ସତ୍ୟନାରାୟଣ ସାହୁ ୧୪୦୦ମାର୍କରୁ ୧୩୦୬ନମ୍ବର, କଳାରେ କପ୍ତିପଦା ମହାବିଦ୍ୟାଳୟର ଶିକ୍ଷା ବିଭାଗର ଛାତ୍ରୀ ରାଜଶ୍ରୀ ସେଣ୍ଠ ୧୪୦୦ମାର୍କରୁ ୧୩୧୮ନମ୍ବର ଓ ବାଣିଜ୍ୟ ବିଭାଗରେ ଆନନ୍ଦପୁର ମହାବିଦ୍ୟାଳୟର ସୁପ୍ରିୟା ରଣା ୧୪୦୦ମାର୍କରୁ ୧୨୦୩ନମ୍ବର ରଖି ଟପ୍ପର ହୋଇଛନ୍ତି। ଛାତ୍ରୀଛାତ୍ରମାନେ ତାଙ୍କର ପରୀକ୍ଷା ଫଳ ଡବ୍ଲୁ ଡବ୍ଲ୍ୟୁ ଡବ୍ଲ୍ୟୁ ଡଟ୍ ଓଡ଼ିଶା ରେଜଲ୍ଟସ ଡଟ୍ ଏନ୍‌ଆଇସି ଡଟ ଇନ୍‌ରୁ ଡାଉନଲୋଡ କରିପାରିବେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରେସ ବିବୃତି ଜରିଆରେ ସୂଚନା ଦିଆଯାଇଛି।

କଳାରେ ୯୪୦୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୭୩୭୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। ତନ୍ମଧ୍ୟରୁ ୪୦୨୬ଜଣ ପ୍ରଥମ ଶ୍ରେଣୀ ଡିଷ୍ଟିଙ୍ଗସନ ସହିତ ପାସ କରିଥିବା ବେଳେ ୧୨୩୮ଜଣ ପ୍ରଥମ ଶ୍ରେଣୀରେ, ୭୦୨ଜଣ ଦ୍ୱିତୀୟ ଶ୍ରେଣୀ ଡିଷ୍ଟିଙ୍ଗସନ, ୯୦୮ଜଣ ଦ୍ୱିତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଜେନେରାଲରେ ୧୭୯ ଓ ଜେନେରାଲ ଡିଷ୍ଟିଙ୍ଗସନରେ ୩୨୦ଜଣ କୃତକାର୍ଯ୍ୟ ହୋଇଛନ୍ତି। ୧୮୦୨ଜଣ ଫେଲ ହୋଇଥିବା ବେଳେ ୨୦୨ଜଣଙ୍କର ଫଳାଫଳ ସ୍ଥଗିତ ରହିଛି ଓ ୨୬ଜଣ କପି କରି ଧରାପଡିଛନ୍ତି। ସେହିପରି ବିଜ୍ଞାନରେ ୩୪୧୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୨୫୫୩ଜଣ କୃତକାର୍ଯ୍ୟ ହୋଇଛନ୍ତି। ତନ୍ମଧ୍ୟରୁ ୧୫୯୮ଜଣ ପ୍ରଥମ ଶ୍ରେଣୀ ଡିଷ୍ଟିଙ୍ଗସନ ସହିତ ପାସ କରିଥିବା ବେଳେ ୭୬୯ଜଣ ପ୍ରଥମ ଶ୍ରେଣୀରେ ଓ ୩୦ଜଣ ଦ୍ୱିତୀୟ ଶ୍ରେଣୀ ଡିଷ୍ଟିଙ୍ଗସନ ପାଇଥିବା ବେଳେ ୮୧ଜଣ ଦ୍ୱିତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଜେନେରାଲରେ ୪୫ ଓ ଜେନେରାଲ ଡିଷ୍ଟିଙ୍ଗସନରେ ୩୦ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ୭୮୮ ଜଣ ଫେଲ ହୋଇଛନ୍ତି। ୪୭ ଜଣଙ୍କର ପରୀକ୍ଷା ଫଳାଫଳ ସ୍ଥଗିତ ରହିଛି ଓ ୨୪ଜଣ କପି କରି ଧରାପଡିଛନ୍ତି। ବାଣିଜ୍ୟରେ ୮୨୮ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୫୦୧ଜଣ କୃତକାର୍ଯ୍ୟ ହୋଇଛନ୍ତି। ତନ୍ମଧ୍ୟରୁ ୧୩୭ଜଣ ପ୍ରଥମ ଶ୍ରେଣୀ ଡିଷ୍ଟିଙ୍ଗସନ ସହିତ ପାସ କରିଥିବା ବେଳେ ୧୪୪ଜଣ ପ୍ରଥମ ଶ୍ରେଣୀରେ ଓ ୨୭ଜଣ ଦ୍ୱିତୀୟ ଶ୍ରେଣୀ ଡିଷ୍ଟିଙ୍ଗସନ ଓ ୧୬୧ ଦ୍ୱିତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଜେନେରାଲରେ ୨୯ ଓ ଜେନେରାଲ ଡିଷ୍ଟିଙ୍ଗସନରେ ୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। ୩୦୬ଜଣ ଫେଲ ହୋଇଥିବା ବେଳେ ୧୯ ଜଣଙ୍କର ଫଳାଫଳ ସ୍ଥଗିତ ରହିଛି ଓ ୨ଜଣ କପି କରି ଧରାପଡ଼ିଛନ୍ତି।

# ଶୁଳିଆପଦାରେ ଭାଜପାର ପରିବର୍ତ୍ତନ ସମାବେଶ

ମୋରଡ଼ା,୨୮।୫(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ଶୁଳିଆପଦା ବ୍ଲକରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ମଙ୍ଗଳବାର ମାରାଥନ ପ୍ରଚାର କରିଛନ୍ତି। ଶୁଳିଆପଦା ପଡ଼ିଆରେ ଆୟୋଜିତ ପରିବର୍ତ୍ତନ ସ୍ୱର ମହିଳା ସମାବେଶରେ ଯୋଗଦେଇ ଆସାମ ମୁଖ୍ୟମନ୍ତ୍ରୀ ସିଧାସଳଖ ଓଡ଼ିଶା ସରକାରଙ୍କୁ ଟାର୍ଗେଟ କରିଥିଲେ। ଓଡ଼ିଶାରେ ଭାଜପା ସରକାର ଗଠନ ପରେ ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲାଯିବ। ଭକ୍ତମାନେ ତାଙ୍କ ପ୍ରିୟ ମହାପ୍ରଭୁଙ୍କୁ ବିନା କଷ୍ଟରେ ଦର୍ଶନ କରିବେ। ମଞ୍ଚରେ ଏମ୍‌ପି ପ୍ରାର୍ଥୀ ନବଚରଣ ମାଝୀଙ୍କ ସମେତ ମୋରଡ଼ା ଭାଜପା ବିଧାୟକ ପ୍ରାର୍ଥୀ ଡ.କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଅନେକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ବାଣ ଫୁଟି ଶିଶୁପୁତ୍ର ଗୁରୁତର

ଛେଣ୍ଡିପଦା,୨୮।୫(ଅଜିତ ଧଳ)



ଅନୁଗୋଳ ଜିଲା ଜରପଡ଼ା ଥାନା ଜରଡ଼ା ଗ୍ରାମରେ ବାଣ ଫୁଟି ୪ ବର୍ଷର ଶିଶୁପୁତ୍ର ଗୁରୁତର ହୋଇଥିବା ବେଳେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନାରୁ ପ୍ରକାଶ, ଜରଡ଼ା ଗ୍ରାମର ସୁରେଶ ସେଠୀଙ୍କ ୪ ବର୍ଷର ପୁଅ ସତ୍ୟଜିତ ରାସ୍ତାରେ ପଡ଼ିଥିବା ଏକ ବାଣକୁ ନେଇ ଘରେ ଥିବା ଚୁଲିରେ ଲଗାଇଥିଲେ। ଫଳରେ ବାଣଟି ସତ୍ୟଜିତଙ୍କ ହାତରେ ଫୁଟି ଯାଇଥିଲା। ଏଥିଯୋଗୁ ତାଙ୍କର ବାମ ହାତର ୩ଟି ଆଙ୍ଗୁଠି, ମୁହଁ କ୍ଷତାକ୍ତ ହୋଇଥିବା ବେଳେ ପରିବାର ଲୋକେ ତାଙ୍କୁ ତୁରନ୍ତ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

କଣିହାଁ,୨୮।୫(ସଚ୍ଚିଦାନନ୍ଦ ପ୍ରଧାନ)



ଅନୁଗୋଳ ଜିଲା କଣିହାଁ ବ୍ଲକ ଶଗଡିପାଳ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ମିଶ୍ର (୭୪)ଙ୍କ ମଙ୍ଗଳବାର ସକାଳ ପ୍ରାୟ ସାଢ଼େ ୫ଟାରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ୨ ପୁଅ, ପରିବାରର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ମିଳିବା ପରେ ଶେଷ ଦର୍ଶନ ଲାଗି ଶୁଭେଚ୍ଛୁଙ୍କ ଭିଡ ଲାଗିଥିଲା। ଖବରପାଇ ବିଜେଡି ଯୁବନେତା ସୁନୀଲ କୁମାର ପ୍ରଧାନ, ଭାଜପା ନେତା ନୃସିଂହ ଚରଣ ବରାଳ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କ ଶେଷକୃତ୍ୟ କରାଯାଇଛି। ସେ ଜଣେ ଉତ୍ତମ ଶିକ୍ଷକ, ଛାତ୍ରବତ୍ସଳ, ଧର୍ମପରାୟଣ ଓ ମେଳାପି ବ୍ୟକ୍ତି ଥିଲେ। ସେ ଚନ୍ଦ୍ରବିଲ, ଶରଧାପୁର, ଜାମୁନାଳି ଆଦି ବିଦ୍ୟାଳୟରେ ଶିକ୍ଷକତା କରି ସୁନାମ ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ କଣିହାଁ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

# ଅବକାରୀ ଚଢ଼ାଉ, ଜଣେ ଗିରଫ

ଚମ୍ପୁଆ,୨୮।୫(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଅବକାରୀ ଅଧୀକ୍ଷକ ପ୍ରଦୀପ୍ତ ଦାସଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ରେଞ୍ଜ ନିରୀକ୍ଷକ ଏଚ୍. ଯୋଗା ରାଓଙ୍କ ତତ୍ତ୍ୱାବଧାନରେ ଯୋଡ଼ା ଅଞ୍ଚଳର ବନ୍ଧୁଆବେଡ଼ାରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଉକ୍ତ ଗ୍ରାମର ସୌଦାଗର ହଂସ(୩୦)ଙ୍କ ଏକ ମୋଟର ସାଇକେଲ ସହ ତାଙ୍କଠାରୁ ୫୫ଲିଟର ମହୁଲି ମଦ ଜବତ କରାଯାଇଛି। ଏନେଇ ମାମଲା (ନଂ.୧୯/୨୪) ରୁଜୁ କରାଯାଇ ତାଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଇନ୍ସପେକ୍ଟର ଏଚ୍. ଯୋଗା ରାଓଙ୍କ ସହ କନଷ୍ଟେବଲ ସୁଶାନ୍ତ ମହାନ୍ତ ଓ ଗୌତମ ଦାସ ଚଢ଼ାଉରେ ସାମିଲ ଥିଲେ।

# ମୃତ୍ୟୁ କୁଣ୍ଡ ପାଲଟିଛି ଅବ୍ୟବହୃତ ପଥର ଖଣି

କେନ୍ଦୁଝର,୨୮।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଶଗଡପଡ଼ା ପଞ୍ଚାୟତର ଭାଲୁଯୋଡ଼ି ଗ୍ରାମ ନିକଟ ହରିଚନ୍ଦନପୁର- ବ୍ରାହ୍ମଣୀପାଳ ରାସ୍ତା କଡ଼ରେ ଥିବା ଅବ୍ୟବହୃତ ପଥର ଖଣି ବିପଦର କାରଣ ପାଲଟିଛି। ପ୍ରାୟ ୧୦ ବର୍ଷ ତଳେ ରାସ୍ତା ନିର୍ମାଣ ପାଇଁ ଏଠାରେ ଥିବା ପ୍ରାୟ ୬୦ ଫୁଟ୍ ଉଚ୍ଚତାର ପାହାଡ଼କୁ ଖୋଳି ନେବା ପରେ ମାଟି ତଳକୁ ୬୦ ଫୁଟ ଖୋଳି ପଥର ନେଇଛି କମ୍ପାନୀ। ରାସ୍ତାକାମ ସାରି କମ୍ପାନୀ ବିଶାଳକାୟ ଖାଲକୁ ନ ପୋତି ପଳାଇଯାଇଛି। ଫଳରେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଏହି ସ୍ଥାନ ମୃତ୍ୟୁକୁଣ୍ଡ ପାଲଟିଛି।



ହରିଚନ୍ଦନପୁର- ବ୍ରାହ୍ମଣୀପାଳ ରାସ୍ତା କଡ଼ରେ ଥିବା ଅସୁରକ୍ଷିତ ଖାଲ।

ଏହି ଖାଲରେ ବର୍ଷା ପାଣି ଭର୍ତ୍ତି ହୋଇ ହ୍ରଦ ସଦୃଶ ଦୃଶ୍ୟମାନ ହେଉଛି। ଏହି ଖାଲକୁ ସ୍ଥାନୀୟ ଲୋକେ ଗାଧୁଆପାଧୁଆ ଏବଂ ମାଛ ଚାଷ ପାଇଁ ବ୍ୟବହାର କରୁଥିଲେ ହେଁ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଦୁର୍ଘଟଣା ଆଶଙ୍କା ରହୁଛି। ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନ ଅଧୀନରେ ଏହି ଅଞ୍ଚଳଟି ରହୁଥିବାରୁ ଏବଂ ଚାରିଆଡ଼େ ଜଙ୍ଗଲ ଥିବାରୁ ଏଠାରେ ବନ୍ୟଜନ୍ତୁଙ୍କ ଚଳପ୍ରଚଳ ରହୁଛି। ଏଣୁ ବହୁ ବନ୍ୟଜନ୍ତୁ କ୍ଷତିଗ୍ରସ୍ତ ହୋଇଥିବା ଆଶଙ୍କା କରାଯାଉଛି। ଏହାର ଚାରିପାଖରେ କୌଣସି ସୁରକ୍ଷା ବାଡ଼ କିମ୍ବା ସତର୍କ ସୂଚନା ମଧ ପ୍ରଶାସନ ପକ୍ଷରୁ ଲଗାଯାଇ ନ ଥିବାରୁ ସ୍ଥାନୀୟ ଲୋକେ ବିପଦପୂର୍ଣ୍ଣ ଅବସ୍ଥାରେ ଗାଧୋଉଛନ୍ତି। ସେହିପରି ଏହି ବିରାଟକାୟ ଅସୁରକ୍ଷିତ ଖାଲରେ ପଡ଼ି ବହୁ ଗୃହପାଳିତ ପ୍ରାଣୀଙ୍କ ଜୀବନ ଯାଇଥିବା ବେଳେ ବନ୍ୟଜନ୍ତୁଙ୍କ ପାଇଁ ବିପଦ ସୃଷ୍ଟି କରୁଛି। କମ୍ପାନୀ ଲାଭବାନ ହୋଇ ଏହାକୁ ନିୟମାନୁଯାୟୀ ମାଟିଗୋଡ଼ି ଢାଳି ପୂରଣ କରିବା ସହ ବନୀକରଣ କରିବା କଥା। ମାତ୍ର ତାହା କରାଯାଇ ନାହିଁ। ବରଂ ଲାଭ ଖାଇ ବିପଦପୂର୍ଣ୍ଣ ଅବସ୍ଥାରେ ଛାଡି ଚାଲିଯାଇଥିବାରୁ ସ୍ଥାନୀୟ ଆଦିବାସୀମାନେ ଚିନ୍ତାରେ ରହିଛନ୍ତି। ପ୍ରଶାସନ ଉକ୍ତ କମ୍ପାନୀ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହାକୁ ପୋତିବା ବ୍ୟବସ୍ଥା କଲେ ସ୍ଥାନୀୟ ଲୋକେ ଉପକୃତ ହୋଇ ପାରନ୍ତେ ବୋଲି କହିଛନ୍ତି।

ପଥର ଖଣି ହେବା ଫଳରେ ଜଙ୍ଗଲ ଓ ପାହାଡ଼ ଗଲା। ଭାବିଥିଲୁ କାମ ଧନ୍ଦା ମିଳିବ। ତାହା ମିଳିଲା ନାହିଁ। ବରଂ ଆମର ଜମିବାଡ଼ି କ୍ଷତିଗ୍ରସ୍ତ ହେଲା। ଏବେ ପାହାଡ଼ ତାଡ଼ି ଓ ଖଣି ଖୋଳି ପଥର ନେଇ କମ୍ପାନୀ ରାସ୍ତାକାମ କରିବା ସହ ବାହାରକୁ ବିକି ମାଲାମାଲ ହେଲା। କିନ୍ତୁ ଆମକୁ ସବୁଦିନ ପାଇଁ ଦୁର୍ଦ୍ଦଶା ମୁହଁକୁ ଠେଲି ଦେଇଗଲା ବୋଲି ସ୍ଥାନୀୟ ଅଞ୍ଚଳର ମାଧବ ମୁର୍ମୁ, ଦୟା ମୁର୍ମୁ, ମୁନୀ ମୁର୍ମୁ ଓ ରବି ହେମ୍ବ୍ରମ ପ୍ରମୁଖ କହିଛନ୍ତି। ଏସଂକ୍ରାନ୍ତରେ ଆନନ୍ଦପୁର ଡିଏଫ୍‌ଓ ଅଭୟ କୁମାର ଦଳେଇଙ୍କୁ ପଚାରିବାରୁ ସ୍ଥିତି ଅନୁଧ୍ୟାନ କରି ଓ ସ୍ଥାନୀୟ ବନ କର୍ମଚାରୀଙ୍କଠାରୁ ବୁଝି ଉଚିତ ପଦକ୍ଷେପ ନେବେ ବୋଲି କହିଛନ୍ତି।

# ମାଲ୍ୟଗିରି ମହାବିଦ୍ୟାଳୟର ସଫଳତା

ପାଲଲହଡ଼ା,୨୮।୫ (ଦିବ୍ୟଜ୍ୟୋତି ଦାଶ)

ପାଲଲହଡ଼ାସ୍ଥିତ ମାଲ୍ୟଗିରି ମହାବିଦ୍ୟାଳୟର ଯୁକ୍ତ ୨ ବାର୍ଷିକ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। କଳା ବିଭାଗରେ ୧୮୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୯୪% ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୧୯ ଜଣ, ଦ୍ୱିତୀୟରେ ୪୪ ଜଣ ଓ ତୃତୀୟ ସ୍ଥାନରେ ୧୦୫ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ବିଜ୍ଞାନ ବିଭାଗରେ ପରୀକ୍ଷା ଦେଇଥିବା ୧୨୩ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୯୬% ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୩୮ ଜଣ, ଦ୍ୱିତୀୟରେ ୫୧ ଓ ତୃତୀୟ ଶ୍ରେଣୀରେ ୨୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ପରୀକ୍ଷା ଦେଇଥିବା ୫୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୯୮% କୃତକାର୍ଯ୍ୟ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ଜଣେ, ଦ୍ୱିତୀୟରେ ୧୩ ଜଣ ଓ ତୃତୀୟ ଶ୍ରେଣୀରେ ୩୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳା ବିଭାଗର ଛାତ୍ର ରୋହିତ କୁମାର ପ୍ରଧାନ ସର୍ବାଧିକ ୪୮୭ ନମ୍ବର, ବିଜ୍ଞାନରେ ଗୌତମ ମହାରଣା ସର୍ବୋଚ୍ଚ ୪୪୪ ନମ୍ବର ଏବଂ ବାଣିଜ୍ୟରେ ଛାତ୍ରୀ ସୁଚେତନା ନାୟକ ସର୍ବାଧିକ ୩୭୪ ନମ୍ବର ରଖି ମହାବିଦ୍ୟାଳୟ ପାଇଁ ସଫଳତା ଆଣିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ସହିତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଛାତ୍ରୀଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର, ଯୁବକ ଗିରଫ

ପାଟଣା,୨୮।୫(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳର ଜଣେ ଦୃଷ୍ଟି ବାଧିତ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ଅଭିଯୁକ୍ତ ଯୁବକଙ୍କୁ ମଙ୍ଗଳବାର ପୋଲିସ କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ମଙ୍ଗଳପୁର ଗ୍ରାମ ଉୟୁଡ଼ି ସାହିର ସୁଶାନ୍ତ ନାଏକ ଓରଫ ଗେଣ୍ଡା। ସୂଚନା ଅନୁଯାୟୀ, ମା' ବାପାଙ୍କ ଦେହାନ୍ତ ପରେ ଯୁବତୀ ଜଣକ ତାଙ୍କ ଭାଉଜ ଭାଇଙ୍କ ପାଖରେ ରହୁଥିଲେ। ଭାଉଜ ଭାଇ ଦିନ ମଜୁରି କାମ କରିବାକୁ ଖୋର୍ଦ୍ଧା ଚାଲି ଯାଇଥିବା ବେଳେ ଯୁବତୀ ଜଣକ ଘରେ ଏକୁଟିଆ ଥିଲେ। ଗତ ୧୪ ତାରିଖ ପୂର୍ବାହ୍ନରେ ସୁଶାନ୍ତ ତାଙ୍କୁ ନିକଟସ୍ଥ ହୁଡ଼ିକୁ ଟେକି ନେଇ ମାଡ଼ ମାରିବା ସହ ବଳାତ୍କାର କରିଥିଲେ। ଭାଉଜ ଭାଇ ଘରକୁ ଫେରିବା ପରେ ସୋମବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପାଟଣା ଥାନାରେ ଏକ ମାମଲା (ନଂ.୨୨୬/୨୪) ରୁଜୁ ହୋଇଥିବା ଥାନା ଅଧିକାରୀ ବିବସ୍ୱ ପ୍ରଧାନ କହିଛନ୍ତି।

# ସ୍ତ୍ରୀ ପ୍ରେମିକଙ୍କ ଟାଙ୍ଗିଆ ଚୋଟରେ ସ୍ୱାମୀ ଗୁରୁତର

ଆନନ୍ଦପୁର,୨୮।୫(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ମାଙ୍କଡକେନ୍ଦା ଗାଁରେ ସ୍ତ୍ରୀ ପ୍ରେମିକଙ୍କ ଟାଙ୍ଗିଆ ଚୋଟରେ ସ୍ୱାମୀ ଗୁରୁତର ହେବା ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ମହିଳା ଜଣକ ୨ ବର୍ଷ ହେଲା ସ୍ୱାମୀଙ୍କୁ ଛାଡ଼ି ପ୍ରେମିକ ଘରେ ରହୁଥିଲେ। ତେବେ ପ୍ରେମିକଙ୍କ ନିର୍ଯାତନା ସହି ନ ପାରି ସ୍ୱାମୀ ପାଖକୁ ଫେରି ଆସିଥିଲେ। ଏଥିରେ ପ୍ରତିହିଂସା ପରାୟଣ ହୋଇ ପ୍ରେମିକ ପାଗଳ ନାୟକ ଏକ ଟାଙ୍ଗିଆରେ ମହିଳାଙ୍କ ସ୍ୱାମୀଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସେ ଏବେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ରାମଚନ୍ଦ୍ରପୁର ଥାନା ଅଧିକାରୀ ବିଜୟ ସିଂ ଘଟଣାର ତଦନ୍ତ ଜାରି ରଖିଛନ୍ତି।

# ସରକାରୀ ବସ୍ ଷ୍ଟାଣ୍ଡ ଗ୍ୟାରେଜ୍‌ରେ ଲାଗିଲା ନିଆଁ

କେନ୍ଦୁଝର,୨୮।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ସରକାରୀ ବସ ଷ୍ଟାଣ୍ଡର ଗ୍ୟାରେଜରେ ମଙ୍ଗଳବାର ସକାଳ ପ୍ରାୟ ୯ ଟା ସମୟରେ ନିଆଁ ଲାଗିଥିଲା। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଅନେକ ଦରକାରୀ ଜିନିଷ ପୋଡ଼ି ଯାଇଥିବା ଅନୁମାନ କରାଯାଉଛି। ତେବେ ଫର୍ ମ୍ୟାନ ସେକ୍ସନରେ ଏହି ଅଗ୍ନି କାଣ୍ଡ ଘଟିଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ଫାଇଲ, କାଗଜ ପତ୍ର, ଆଲମିରା ମଧ ନଷ୍ଟ ହୋଇଥିବା କୁହାଯାଉଛି। ତେବେ ଠିକ ସମୟ ରେ ଜଣା ପଡ଼ିବାରୁ ବଡ ଧାରଣ ର କ୍ଷୟକ୍ଷତି ରୁ ବର୍ତ୍ତି ଯାଇଥିଲା। ଏ ନେଇ ଓଏସ୍‌ଆର୍‌ଟିସିର ଜିଲା ପରିବହନ ମ୍ୟାନେଜର ଗୌରବ ଜେନା କହିଛନ୍ତି ଯେ, ପୁରୁଣା ଘର୍ ହୋଇ ଥିବାରୁ ସର୍ଟ ଶର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା ଓ ସେଭଳି ବଡ ଧରଣର କୌଣସି କ୍ଷୟକ୍ଷତି ହୋଇନାହିଁ।

# ବିବାହିତା ମହିଳାଙ୍କ ମୃତଦେହ ଜବତ

## ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ବଡବିଲ, ୨୮।୫(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡବିଲ ଥାନା ଅଧୀନ ଚଟେଇହଟିଂରେ ଜଣେ ବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହ ସୋମବାର ରାତିରେ ଜବତ ହୋଇଛି। ମହିଳାଙ୍କ ବାପଘର ପକ୍ଷରୁ ହତ୍ୟା ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତ ସ୍ୱାମୀ ଜକମି ମୁଣ୍ଡାଙ୍କୁ ଗିରଫ କରିଛି। ମୃତ ମହିଳା ହେଲେ ପୁନମ ମୁଣ୍ଡା। ପୁନମଙ୍କ ଭାଇ ବିଜୟ କର୍ମକାରଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ବଡବିଲ ଥାନାରେ ଯୌତୁକ ଜନିତ ମାମଲା(ନଂ. ୧୮୩/୨୦୨୪) ରୁଜୁ କରି ମଙ୍ଗଳବାର ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରଖିଥିଲା। ଉଲ୍ଲେଖଯୋଗ୍ୟ, ୧୦ବର୍ଷ ତଳେ ଜକମିଙ୍କ ସହ ପୁନମଙ୍କର ବିବାହ ହୋଇଥିଲା। ବିବାହ ପରେ ପୁନମଙ୍କର ଦୁଇଟି ସନ୍ତାନ ହୋଇଥିବା ବେଳେ ଜକମି ଦ୍ୱିତୀୟ ବିବାହ କରିଥିଲେ।

# ଶିଶୁ ଶ୍ରମିକରୁ ମୁଖ୍ୟ ସ୍ରୋତରେ ସାମିଲ ହେଲେ ଛାତ୍ରୀଛାତ୍ର

ଯୋଡା, ୨୮।୫(ମାନସ ମହାନ୍ତି)

## ୧୦ମ, ଯୁକ୍ତ ୨ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ କ୍ୟାରିଅର କାଉନସେଲିଂ

ସ୍ୱେଚ୍ଛାସେବୀ ସଙ୍ଗଠନ ଆଶ୍ୱାୟାର ପକ୍ଷରୁ ଆବାସିକ ସେତୁ ପାଠ୍ୟକ୍ରମ ମାଧ୍ୟମରେ ଅଧାରୁ ପାଠ ଛାଡି ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ୪୮ଜଣ ଛାତ୍ରୀଛାତ୍ରଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଯାଇଛି। ଆବାସିକ ସେତୁ ପାଠ୍ୟକ୍ରମରେ ଅଧ୍ୟୟନ କରି ଚଳିତବର୍ଷ ଦଶମ ଶ୍ରେଣୀରେ ୪୧ ଓ ଯୁକ୍ତ ୨ରେ ୫ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଅବସରରେ ମଙ୍ଗଳବାର ଆଶ୍ୱାୟାରର ପଶ୍ଚିମ ଯୋଡାଠାରେ ଥିବା ଆର୍‌ବିସି ସେଣ୍ଟରରେ ଛାତ୍ରୀଛାତ୍ରଙ୍କ ପାଇଁ କ୍ୟାରିଅର କାଉନସେଲିଂ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଯୋଡା ପୌରପାଳିକା ଅଧ୍ୟକ୍ଷ ଡାକ୍ତର ଜଗଦୀଶ ପ୍ରସାଦ ସାହୁ, ୭ନଂ. ୱାର୍ଡ କାଉନସିଲର ବିଶ୍ୱପ୍ରତାପ ବେହେରା, ୪ନଂ. ୱାର୍ଡ କାଉନସିଲର ଅବୁଲ ହୁସେନ, ଯୋଡା ବିକାଶ ପରିଷଦ ସଭାପତି ନିରଞ୍ଜନ ବହିଦାର, ସ୍ୱେଚ୍ଛାସେବୀ ସୁକାନ୍ତ ବାନା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନେ କିପରି



ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବେ, ଏଥିପାଇଁ ଉଚ୍ଚଶିକ୍ଷାର ଆବଶ୍ୟକତା ଓ ବୈଷୟିକ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ଶିଶୁ ଶ୍ରମିକ କାର୍ଯ୍ୟ ଛାଡି ଅଧ୍ୟୟନ କ୍ଷେତ୍ରରେ ମନନିବେଶ କରିଥିବା ଛାତ୍ରୀଛାତ୍ରମାନେ ନିଜର ମନୋବଳକୁ ଦୃଢ଼ କରି ଆଗେଇ ଯିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଯୋଡ଼ାରେ କେବଳ ମହିଳା ମହାବିଦ୍ୟାଳୟ ରହିଥିବା ବେଳେ ଯୁବକମାନଙ୍କ ଉଚ୍ଚଶିକ୍ଷା ନିମନ୍ତେ ସରକାରଙ୍କ ପକ୍ଷରୁ ମହାବିଦ୍ୟାଳୟ ସ୍ଥାପନ କରାଯାଇନାହିଁ। ଫଳରେ ଅଧିକାଂଶ ଯୁବକ ଦଶମ ଶ୍ରେଣୀ ପରେ ପୁଣି ଅଧାରୁ ପାଠ ଛାଡ଼ି ଘରେ ରହିଯାଉଛନ୍ତି। ସେହିପରି ବୈଷୟିକ ଶିକ୍ଷା ପାଇଁ ମଧ ଯୋଡା ସହରରେ କୌଣସି ସରକାରୀ ଶିକ୍ଷାନୁଷ୍ଠାନ ନାହିଁ। ଏନେଇ ବାରମ୍ବାର ସରକାରଙ୍କ ଠାରେ ଦାବି ହେଉଥିଲେ ମଧ ସରକାରୀ ମହାବିଦ୍ୟାଳୟ ସ୍ଥାପନ ନେଇ କୌଣସି ପଦକ୍ଷେପ ନିଆ ଯାଉ ନ ଥିବାରୁ ଅତିଥି ମାନେ ବୈଠକରେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଶ୍ୱାୟାର ପକ୍ଷରୁ ରଶ୍ମିତା ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

# ପାପସରା ଚନ୍ଦନ ଯାତ୍ରା ପାଳିତ

**ବଇଣ୍ଡା, ୨୮।୫ (ପରିକ୍ଷିତ ସାହୁ)**



କିଶୋରନଗର ବ୍ଲକ ହଣ୍ଡପା ଥାନା ପାପସରା ଗ୍ରାମରେ ସୋମବାର ପ୍ରସିଦ୍ଧ ପାପସରା ଚନ୍ଦନ ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଭୁ ରାଧାକୃଷ୍ଣଙ୍କୁ ଏକ ବିମାନରେ ବସାଇ ଶୋଭାଯାତ୍ରା ମାଧ୍ୟମରେ ପ୍ରଥମେ ଯାତ୍ରା ପଡ଼ିଆକୁ ଅଣାଯାଇଥିଲା। ସେଠାରେ ରୀତିନୀତି ଅନୁସାରେ ପୂଜା କରାଯିବା ପରେ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ଗ୍ରାମର ପ୍ରତ୍ୟେକ ପରିବାରର ଘର ସମ୍ମୁଖରେ ପ୍ରଭୁ ରାଧାକୃଷ୍ଣଙ୍କୁ ପୂଜା କରାଯାଇଥିଲା। ପରେ ପୁଣି ଯାତ୍ରା ପଡିଆରୁ ଏକ ଶୋଭାଯାତ୍ରା ବାହାରିଥିଲା। ପ୍ରଭୁ ରାଧାକୃଷ୍ଣଙ୍କ ଶୋଭାଯାତ୍ରାରେ ଲଉଡି ଖେଳ, ଘଣ୍ଟବାଦ୍ୟ, ମହିଳା ସଂକୀର୍ତ୍ତନ, ହାତୀ, ଘୋଡ଼ାନାଚ, ରାଜାରାଣୀ ନାଚ, ଧୁଲୁଧୁଲି ବାଦ୍ୟ, ଆତସବାଜି ସହ ଡିଜେ ସାଉଣ୍ଡ ସାମିଲ କରାଯାଇଥିଲା। ମନୋରଞ୍ଜନ ପାଇଁ ଲିଟିଲ ଷ୍ଟାର ମେଲୋଡି କାର୍ଯ୍ୟକ୍ରମ କରାଯାଇଥିଲା। ଯାତ୍ରା କମିଟି ପକ୍ଷରୁ ଯାତ୍ରା ପଡିଆକୁ ବ୍ୟାପକ ସାଜସଜ୍ଜା କରାଯାଇଥିବା ବେଳେ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା। ପୂରା ଗାଁକୁ ଚୁମ୍ବକୀୟ ଲାଇଟ ମାଧ୍ୟମରେ ସାଜସଜ୍ଜା କରାଯାଇଥିଲା। ବିଦ୍ୟୁତ ବିଭାଗ ପକ୍ଷରୁ ପଡିଆକୁ ଆଲୋକୀକରଣ କରାଯାଇଥିଲା। ଏଥିରେ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିବା ବେଳେ ହଣ୍ଡପା ଆଇଆଇସି ନମିତା ନାୟକଙ୍କ ନେତୃତ୍ୱରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପାପସରା ଗ୍ରାମ ସଭାପତି ପ୍ରସନ୍ନ ସାହୁ, ସମ୍ପାଦକ ଦିବ୍ୟାଲୋଚନ ସାହୁ, ଦଳୀୟ ସଭାପତି ସୌଦାଗର ବେହେରା, ଧ୍ରୁବଚରଣ ପ୍ରଧାନ, ଚୁନା ସାହୁ, ଗଣେଶ ପ୍ରଧାନ, ରାଜକିଶୋର ପଧାନ, ବିଜୟ ପ୍ରଧାନ, ରଣଜିତ ପେଣ୍ଟେଇଙ୍କ ସମେତ ଅଞ୍ଚଳବାସୀ ସହଯୋଗ କରିଥିଲେ।

# ବଇଣ୍ଡା ଚନ୍ଦନ ଯାତ୍ରା ପାଇଁ ମଦ ବିକ୍ରି ବନ୍ଦ ଦାବି

**ବଇଣ୍ଡା,୨୮।୫ (ପରିକ୍ଷିତ ସାହୁ)**



ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡାଠାରେ ଆସନ୍ତା ବୁଧବାର ଠାରୁ ଚନ୍ଦନ ଯାତ୍ରା ଆରମ୍ଭ ହେବ। ଗୋଟିଏ ଦିନ ଯାତ୍ରା ସହ ୪ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ଅଞ୍ଚଳବାସୀ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରୁ ଜଣାଶୁଣା କଳାକାର ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଚନ୍ଦନ ଯାତ୍ରାରେ ଅଂଶ ଗ୍ରହଣ କରିବେ। ଏହି ଯାତ୍ରା ସମୟରେ ବଇଣ୍ଡା ଅଞ୍ଚଳରେ ମଦ ବିକ୍ରିକୁ ୫ ଦିନ ପାଇଁ ବନ୍ଦ ରଖାଯିବାକୁ ବଇଣ୍ଡା ଚନ୍ଦନ ଯାତ୍ରା କମିଟି ପକ୍ଷରୁ ଦାବି କରାଯାଇଛି। ଏ ନେଇ ସୋମବାର ବଇଣ୍ଡା ଅବକାରୀ ଉପ ନିରୀକ୍ଷକ ଗାୟତ୍ରୀ ମାଝିଙ୍କ ଜରିଆରେ ଅନୁଗୋଳ ଜିଲା ଅବକାରୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

କମିଟି ପକ୍ଷରୁ କୁହାଯାଇଛି, କିଛି ଦିନ ହେବ ଏହି ଅଞ୍ଚଳରେ ନିର୍ବାଚନ ସରିଛି। ବଇଣ୍ଡା ଅଞ୍ଚଳ ଶାନ୍ତିପୂର୍ଣ୍ଣ ଅଞ୍ଚଳ ଭାବରେ ପରିଚିତ ଥିବାବେଳେ ଚନ୍ଦନ ଯାତ୍ରା କିଭଳି ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହେବ ସେଥିପାଇଁ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ହେଲେ ଏଥିରେ ଚୋରା ମଦ କାରବାର ବାଧକ ସାଜିଛି। ବଇଣ୍ଡା ଅଞ୍ଚଳରେ ଥିବା ଦେଶୀ ଓ ବିଦେଶୀ ମଦ ବ୍ୟବସାୟୀମାନେ ନିଜର ବ୍ୟବସାୟ ବୃଦ୍ଧି କରିବା ପାଇଁ ବହୁ ପରିମାଣର ମଦ ଗ୍ରାମାଞ୍ଚଳକୁ ଚାଲାଣ କରିବା ସହ ଏଠାରେ ବିକ୍ରି କରୁଛନ୍ତି। ଅନେକ ମହିଳା, ଝିଅ, ଯୁବତୀ, ଛାତ୍ରୀମାନେ ଏହି ଯାତ୍ରା ଦେଖିବାକୁ ଆସିବାକୁ ଥିବାରୁ ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ୫ ଦିନ ମଦ ବିକ୍ରି ଏହି ଅଞ୍ଚଳରେ ସମ୍ପୂର୍ଣ୍ଣ ବନ୍ଦ କରାଯାଉ। ମଦ ଦୋକାନଗୁଡିକ ବନ୍ଦ କରା ନ ଗଲେ ଆଗାମୀ ଦିନରେ ଯାହା ବିଶୃଙ୍ଖଳା ସୃଷ୍ଟି ହେବ ସେଥିପାଇଁ ଜିଲା ଅବକାରୀ ବିଭାଗ ଦାୟୀ ରହିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ନେଇ ବଇଣ୍ଡା ଅବକାରୀ ଉପ ନିରୀକ୍ଷକ ଗାୟତ୍ରୀ ମାଝି କହିଛନ୍ତି, ଜିଲା ଅବକାରୀ ଅଧୀକ୍ଷକ ଯାହା ନିର୍ଦ୍ଦେଶ ଦେବେ ତାହା କରାଯିବ।

## ଯୁକ୍ତ ୨ ପରୀକ୍ଷାରେ ବଇଣ୍ଡା କଲେଜର ସଫଳତା

**ବଇଣ୍ଡା,୨୮।୫(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଜନତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ପରୀକ୍ଷା ଫଳ ପ୍ରକାଶ ପାଇଛି। କଳା ବିଭାଗରେ ୧୯ ଜଣ ଛାତ୍ରୀଛାତ୍ର ଫାଷ୍ଟ ଡିଭିଜନରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୨୮ ଛାତ୍ରୀଛାତ୍ର ସେକେଣ୍ଡ ଡିଭିଜନ, ୧୨୫ ଜଣ ଥାର୍ଡ ଡିଭିଜନରେ ପାସ୍ କରିଛନ୍ତି। ମହାବିଦ୍ୟାଳୟର ପାସ୍ ହାର ଶତକଡା ୭୬ ପ୍ରତିଶତ ରହିଛି। ସେହିପରି ବିଜ୍ଞାନ ବିଭାଗରେ ୧୦ ଜଣ ଫାଷ୍ଟ କ୍ଲାସ, ୨୧ ଜଣ ସେକେଣ୍ଡ କ୍ଲାସ, ୨୪ ଜଣ ଥାର୍ଡ କ୍ଲାସରେ ପାସ୍ କରିଛନ୍ତି। ପାସ୍ ହାର ଶତକଡା ୭୦ ପ୍ରତିଶତ ରହିଥିବା ମହାବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟ ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି।



ଢେଙ୍କାନାଳ ବଳରାମ ମନ୍ଦିର ପରିସରରୁ ଶ୍ରୀଶ୍ରୀ ମଦନ ମୋହନଙ୍କୁ ଚାପ ଖେଳାଇବା ପାଇଁ ବିମାନରେ ନୂଆ ପୋଖରୀକୁ ନିଆଯାଉଛି। (ଫଟୋ-ମାନସ)

## ଟ୍ରକ୍ ଧକ୍କାରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ମୃତ୍ୟୁ



ଦୁର୍ଘଟଣାରେ କ୍ଷତିଗ୍ରସ୍ତ କାର୍ ଓ ପ୍ରାଣ ହରାଇଥିବା ପ୍ରସନ୍ନ କୁମାର ପ୍ରଧାନ (ଇନ୍‌ସେଟ୍)।

**ପାଲଲହଡ଼ା,୨୮।୫ (ଦିବ୍ୟଜ୍ୟୋତି ଦାଶ)**

ଅନୁଗୋଳ ଜିଲା ପାଲଲହଡ଼ା ଥାନା ଅଞ୍ଚଳ ଦେଇ ଯାଇଥିବା ୧୪୯ନଂ. ଜାତୀୟ ରାଜପଥର ବତିସୁଆଁ ଛକ ନିକଟରେ ମଙ୍ଗଳବାର ଅପରାହ୍ନ ୫ଟାରେ ଏକ ଦ୍ରୁତଗାମୀ ଟ୍ରକ୍ କାର୍‌କୁ ଧକ୍କା ଦେବା ଫଳରେ ଖମାର ବାରକୋଟିଆ ଅଞ୍ଚଳର ପ୍ରସନ୍ନ କୁମାର ପ୍ରଧାନଙ୍କ ମୃତ୍ୟୁ ହୋଇଛି। ପ୍ରସନ୍ନ ଦେବଗଡ଼ ଜିଲା ବାରକୋଟ ବ୍ଲକରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଅଫିସ କାମ ଶେଷ କରି ପ୍ରସନ୍ନ କାର୍ ଚଳାଇ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ଟି ମଧ୍ୟ ରାସ୍ତାପାର୍ଶ୍ୱକୁ ଓଲଟି ପଡିଛି। ଖବରପାଇ ପାଲଲହଡା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

## ବ୍ୟବସାୟୀଙ୍କ ପରଲୋକ

**ଆଠମଲ୍ଲିକ,୨୮।୫(ଉଦୀପ୍ତ ପୁରୋହିତ)**



ଆଠମଲ୍ଲିକ ଏନ୍ଏସି ଅନ୍ତର୍ଗତ ୧୦ ନମ୍ବର ୱାର୍ଡ ଚାରିଘରିଆ ସାହିର ବ୍ୟବସାୟୀ ସନ୍ତୋଷ କୁମାର ବାଘ (୬୦)ଙ୍କ ପରଲୋକ ହୋଇଯାଇଛି। ଅସୁସ୍ଥତା କାରଣରୁ ସେ କିଛି ଦିନ ହେଲା କଟକସ୍ଥିତ ଏକ ଘରୋଇ ଡାକ୍ତରଖାନରେ ଚିକିତ୍ସିତ ହେଉଥିଲା ବେଳେ ମଙ୍ଗଳବାର ପରଲୋକ ହୋଇଥିଲା। ଶେଷ ସମୟରେ ପୁଅ ମଦନ ବାଘ, ପୁତୁରା ଅନିଲ ବାଘ ଉପସ୍ଥିତ ଥିଲେ। ସେ ଦୀର୍ଘ ଦିନ ହେଲା ସ୍ଥାନୀୟ ଗଣେଶ ବଜାରରେ ସାଇକେଲ ଓ ଘଣ୍ଟା ମରାମତି ଦୋକାନ ଦେଇଥିଲେ। ତାଙ୍କ ମୃତ୍ୟୁରେ ଗଣେଶ ବଜାରରେ ଶୋକର ଛାୟା ଖେଳିଯାଇଛି।

# ୫ମ ଜିଲାସ୍ତରୀୟ ଟାଇକୋଣ୍ଡୋ ପ୍ରତିଯୋଗିତା ଉଦ୍‌ଯାପିତ

**ତାଳଚେର,୨୮।୫(ମନୋଜ ନନ୍ଦ)**



ଟାଇକୋଣ୍ଡୋ ପ୍ରତିଯୋଗିତା ଉଦ୍‌ଯାପନ ଅବସରରେ ପ୍ରମାଣପତ୍ର ପାଇଥିବା ପ୍ରତିଯୋଗୀମାନେ।

ତାଳଚେର ବ୍ଲକ ଭରତପୁର ରବୀନ୍ଦ୍ର ଭାରତୀ କ୍ଲବ ପରିସରରେ ଚାଲିଥିବା ୧୨ତମ ଅନୁଗୋଳ ଜିଲା କିରୋଗି ଓ ୫ମ ପୁମ୍ପସେ ଟାଇକୋଣ୍ଡୋ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଜିଲା ଟାଇକୋଣ୍ଡୋ ସଂଘ ସମ୍ପାଦକ ପ୍ରମୋଦ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ତାଳଚେର ଟାଇକୋଣ୍ଡୋ ଏକାଡେମୀର ୫୦ ପ୍ରତିଯୋଗୀ, ଦାନିସ୍ ଟାଇକୋଣ୍ଡୋ ଏକାଡେମୀର ୧୫ ଓ ଇକୋ ରେଲୱେ ଟାଇକୋଣ୍ଡୋ ଏକାଡେମୀର ୨୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ୧୫ତମ ଟାଇକୋଣ୍ଡୋ କଲରବେଲ୍ଟ ପରୀକ୍ଷାରେ ୪୦ରୁ ଊର୍ଦ୍ଧ୍ୱ ଖେଳାଳି ବିଭିନ୍ନ ରଙ୍ଗର ବେଲ୍ଟ ପରୀକ୍ଷା ଦେଇଥିଲେ। ଏହି କଲର ବେଲ୍ଟ ପରୀକ୍ଷାରେ ଓଡ଼ିଶା ଟାଇକୋଣ୍ଡୋ ଆସୋସିଏଶନର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ଉପସ୍ଥିତ ରହି ପରିଚାଳନା କରିଥିଲେ। କିରୋଗି ପ୍ରତିଯୋଗିତାରେ ତାଳଚେର ଟାଇକୋଣ୍ଡୋ ଏକାଡେମୀ ଚାମ୍ପିୟନ ଓ ଦାନିସ୍ ଟାଇକୋଣ୍ଡୋ ଏକାଡେମୀ ରନର୍ସ ଅପ୍ ଏବଂ ପୁମ୍ପସେ ପ୍ରତିଯୋଗିତାରେ ତାଳଚେର ଟାଇକୋଣ୍ଡୋ ଏକାଡେମୀ ଚାମ୍ପିୟାନ୍ ଓ ରେଲୱେ ଟାଇକୋଣ୍ଡୋ ଏକାଡେମୀ ରନର୍ସ ଅପ୍ ହୋଇଥିଲା। ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଏମ୍‌ସିଏଲ୍ ଜଗନ୍ନାଥ କୋଇଲା ଖଣିର ପ୍ରକଳ୍ପ ଅଧିକାରୀ ଏ.କେ. ଦାସ, ସମ୍ମାନିତ ଅତିଥି ଭାବରେ ହିଙ୍ଗୁଳା କ୍ଷେତ୍ରର କାର୍ମିକ ଅଧିକାରୀ ଉଦିତ୍ କୁମାର ତାଣ୍ଡି, ଖଣି ଅଧିକାରୀ ଜଗନ୍ନାଥ ଶତପଥୀ, ସଞ୍ଜୟ କୁମାର ମଲ୍ଲିକ, ବିକାଶ ସାହୁ, ଓଡ଼ିଶା ଟାଇକୋଣ୍ଡୋ ଆସୋସିଏଶନର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ଓ ଅନୁଗୋଳ ଜିଲା ଟାଇକୋଣ୍ଡୋ ସଂଘ ସମ୍ପାଦକ ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। କୋଚ୍ ଶୁଶାନ୍ତ ପ୍ରଧାନ ଓ ପ୍ରଦୀପ ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ରେଳ ଧାରଣାରୁ ମୃତଦେହ ଜବତ

**ବଇଣ୍ଡା, ୨୮।୫ (ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଶିଣା ନିକଟସ୍ଥ ରେଳ ଧାରଣାରୁ ମଙ୍ଗଳବାର ରେଢାଖୋଲ ରେଲୱେ ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ନାମ ସିପୁନ ନାଗ (୨୩) ଓ ଘର ପ୍ରତାପପୁର ଗ୍ରାମରେ ବୋଲି ଜଣାପଡିଛି। ତାଙ୍କ ମୃତର କାରଣ ଜଣାପଡି ନ ଥିବା ବେଳେ ମୃତଦେହ ରେଳଧାରଣାରେ ପଡିଥିବା ଦେଖି ଅଞ୍ଚଳବାସୀ ବଇଣ୍ଡା ରେଲୱେ ପୋଲିସକୁ ସୂଚନା ଦେଇଥିଲେ। ପରେ ଏହି ଅଞ୍ଚଳ ରେଢାଖୋଲ ରେଲୱେ ପୋଲିସ ଅଧୀନରେ ଥିବା ଯୋଗୁ ରେଢାଖୋଲ ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିପୁନଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଛି।

# ୩୦ ୟୁନିଟ୍ ରକ୍ତ ସଂଗ୍ରହ

**ଅନୁଗୋଳ,୨୮।୫ (ଅମିତ କୁମାର ସାମଲ)**

ଅନୁଗୋଳ ରକ୍ତଦାନ ଭବନଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଖବରଦାତା ରଘୁନାଥ ସାହୁଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକ ଅବସରରେ ଆୟୋଜିତ ଏହି ଶିବିରରେ ମୋଟ ୩୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି ଶିବିରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶିବାନନ୍ଦ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ତାମଡାର ପୂର୍ବତନ ଅଧ୍ୟକ୍ଷ ଶକ୍ତି ପ୍ରସାଦ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରକୁ ସାମାଜିକ କର୍ମୀ ପର୍ଶୁରାମ ଦାସ, ପ୍ରତାପ ମହାପାତ୍ର, ମହେଶ ଭୋମରାଜ, ଆଦ୍ୟଶ୍ଳୋକ ମିଶ୍ର, ବରିଷ୍ଠ ଆଇନଜୀବୀ ଭୁପେଶ ପ୍ରଧାନ, ସମରେଶ ନାଥ, ଲିଟୁନ୍ ସାହୁ, ଜୟନ୍ତ କର, ସୌମ୍ୟ ରଞ୍ଜନ ଦାଶ, ଅମିତ ସାମଲ, ପତିତପାବନ ସାହୁ, ସୁଶାନ୍ତ ସେଠୀ ପ୍ରମୁଖ ସହଯୋଗ କରିଥିଲେ।




ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ମାଟ୍ରିକରେ ଶ୍ରେଷ୍ଠ ପରୀକ୍ଷାର୍ଥୀଙ୍କୁ ଜିଲା ପ୍ରଶାସନର ସମ୍ବର୍ଦ୍ଧନା

**ଅନୁଗୋଳ,୨୮।୫ (ଅମିତ କୁମାର ସାମଲ)**



କୃତୀ ଛାତ୍ରୀଛାତ୍ରଙ୍କୁ ଜିଲାପାଳ ମହମ୍ମଦ ଅବଦଲ ଅଖତାର ଜିଲା କାର୍ଯ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରୁଛନ୍ତି।

ଅନୁଗୋଳ ଜିଲାପାଳ ମହମ୍ମଦ ଅବଦଲ ଅଖତାର ଚଳିତବର୍ଷ ଦଶମ ବୋର୍ଡ ପରୀକ୍ଷାରେ ଉତ୍କର୍ଷ ଲାଭ କରିଥିବା ଶ୍ରେଷ୍ଠ ପରୀକ୍ଷାର୍ଥୀଙ୍କୁ ମଙ୍ଗଳବାର ଜିଲା କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରିଛନ୍ତି। ଖମାରସ୍ଥିତ ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ବିଦ୍ୟାପୀଠର ଛାତ୍ର ରତିକାନ୍ତ ପ୍ରଧାନ ଓ ଛାତ୍ରୀ ଶୁଭଦର୍ଶିନୀ ସାହୁଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ମାର୍ଗ ଦର୍ଶନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ ଉଭୟ କୃତୀ ଛାତ୍ରୀଛାତ୍ରଙ୍କୁ ଏକାଗ୍ରତା ଓ ନିରନ୍ତର ପ୍ରଚେଷ୍ଟା ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରତିଭା ବାରିକ ଓ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜିଜ୍ଞାସା ପ୍ରବୃତ୍ତିକୁ ଯେତିକି ଜାଗ୍ରତ କରାଇବା ଶିକ୍ଷାର ମଜଭୁତ ଲକ୍ଷ୍ୟ ସେତିକି ସଫଳ ହୋଇପାରିବ। ଏହି ମର୍ମରେ ଚଳିତବର୍ଷ ପ୍ରାରମ୍ଭରୁ ଜିଲା ଶିକ୍ଷା କାର୍ଯ୍ୟାଳୟ ଶୈକ୍ଷିକ ସ୍ତରରେ ଉନ୍ନତି ପାଇଁ ସୁଚିନ୍ତିଆ ଯୋଜନା ପୂର୍ବକ କେତେକ ପଦକ୍ଷେପ ନେଇଥିଲେ। ପ୍ରଥମେ ବେସିକ ଲାଇନ ପରୀକ୍ଷା କରି ପିଲାଙ୍କଠାରେ ପ୍ରାରମ୍ଭିକ ଶିକ୍ଷଣସ୍ତର ସ୍ଥିରୀକୃତ କରାଯାଇଥିଲା। ପରବର୍ତ୍ତୀ ସମୟରେ ମିଡ୍ ଟର୍ମ ପରୀକ୍ଷା କରି ଫଳ ସମୀକ୍ଷା କରାଯାଇଥିଲା। ଏକ୍ସ-ମାସ ଅବକାଶରେ ଦଶଦିନ ଧରି ବ୍ଲକସ୍ତରରେ ଓ ବିଦ୍ୟାଳୟସ୍ତରରେ କୋଚିଂ କ୍ୟାମ୍ପର ଆୟୋଜନ କରାଯାଇଥିଲା। ବାର୍ଷିକ ହାଇସ୍କୁଲ ପରୀକ୍ଷା ପୂର୍ବରୁ ଏଣ୍ଡ-ଟର୍ମ ପରୀକ୍ଷା କରି ପିଲାମାନଙ୍କୁ ବୋର୍ଡ ପରୀକ୍ଷା ପଦ୍ଧତି ସହ ଅବଗତ କରାଯାଇଥିଲା। ଚଳିତବର୍ଷ ବାର୍ଷିକ ହାଇସ୍କୁଲ ପରୀକ୍ଷାରେ ଅନୁଗୋଳ ଜିଲାରୁ ମୋଟ ୫୮ ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ମୋଟ ୧୨୨ ବିଦ୍ୟାଳୟ ଶତ ପ୍ରତିଶତ ସଫଳତା ପାଇଛି।

